ପ୍ରେସ୍ ବିଜ୍ଞପ୍ତି

----------

ଭାରତରେ ଓଡ଼ିଶା ଏକ ସବୁଜ ଶିଳ୍ପ ଓ ଖଣି ବହୁଳ ରାଜ୍ୟ ହେବା ପାଇଁ ଜଷ୍ଟ ଏନର୍ଜି ଟ୍ରାଞ୍ଜିଶନର ଆବଶ୍ୟକତା ଅଛି - ଆଇ ଫରେଷ୍ଟ ରିସର୍ଚ୍ଚ (iFOREST ) ରିପୋର୍ଟ

. ଭାରତର ସମୁଦାୟ ଗ୍ରୀନହାଉସ ଏମିସନର ୨.7% ହେଉଛି ଓଡିଶାରେ | ଏହା ମୁଣ୍ଡ ପିଛା ନିର୍ଗମନ ଜାତୀୟ ହାରାହାରି ତୁଳନାରେ ଦୁଇଗୁଣରୁ ଅଧିକ।

.ଏକ ଅଣଯୋଜନାବଦ୍ଧ ଶକ୍ତି ରୂପାନ୍ତରଣ କୋଇଲା ଖଣି, ଶକ୍ତି ଏବଂ ଇସ୍ପାତ କ୍ଷେତ୍ରରେ ୨.3 ଲକ୍ଷରୁ ଅଧିକ ଔପଚାରିକ ଏବଂ ଅନୌପଚାରିକ ନିଯୁକ୍ତି ଉପରେ ପ୍ରଭାବ ପକାଇପାରେ। ଏକ ସବୁଜ ଅର୍ଥବ୍ୟବସ୍ଥା ଗଠନ ପାଇଁ ରାଜ୍ୟରେ ଏକ ଏନର୍ଜି ଟ୍ରାନଜିସନ ଗୁରୁତ୍ୱପୂର୍ଣ୍ଣ ହେବ।

. ଅନୁଗୋଳ -ଢେଙ୍କାନାଳ ଏବଂ ଝାରସୁଗୁଡା-ସୁନ୍ଦରଗଡ-ସମ୍ବଲପୁର ଖଣି ଓ ଶିଳ୍ପ କ୍ଲଷ୍ଟର ପ୍ରମୁଖ ଏନର୍ଜି ଟ୍ରାନଜିଶନ୍ ଦ୍ୱାରା ପ୍ରଭାବିତ ହେବ ।

.ସବୁଜ ଅଭିବୃଦ୍ଧି ଏବଂ ନିଯୁକ୍ତି ପାଇଁ ଓଡ଼ିଶା ଆଗାମୀ 10 ବର୍ଷ ପାଇଁ ଅକ୍ଷୟ଼ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ସବୁଜ ଇସ୍ପାତ ପାଇଁ ଉଚ୍ଚାଭିଳାଷୀ ଲକ୍ଷ୍ୟ ସ୍ଥିର କରିବା ଉଚିତ। ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ନିର୍ମାଣ ପାଇଁ ଶିକ୍ଷା ଏବଂ କୌଶଳ କ୍ଷେତ୍ରରେ ମଧ୍ୟ ନିବେଶ କରିବା ଉଚିତ।

.ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ କୋଇଲା ସେସ ପାଣ୍ଠି ଜଷ୍ଟ୍ ଟ୍ରାନଜିଶନ୍ ନିବେଶ ପାଇଁ ନିବେଶ ହେବା ଉଚିତ ।

------------

ଭୁବନେଶ୍ୱର, ନଭେମ୍ବର 5,2024

ପରିବେଶ ଗବେଷଣା ଓ ନବସୃଜନ ସଂଗଠନ iFOREST', ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ମିଳିତ ସହଯୋଗରେ "ଓଡ଼ିଶାରେ ସବୁଜ ଅଭିବୃଦ୍ଧି ଓ ସବୁଜ ନିଯୁକ୍ତି ପାଇଁ ଜଷ୍ଟ୍ ଏନର୍ଜି ଟ୍ରାନଜିଶନ୍ " Just Energy Transition to support Green Growth and Green Jobs in Odisha ଶୀର୍ଷକ ଏକ ବୈଠକ ଆୟୋ ଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ସରକାର, ନାଗରିକ ସମାଜ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ସବୁଜ ଶିଳ୍ପ, ଅକ୍ଷୟ଼ ଶକ୍ତି, ନିଯୁକ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ନିବେଶ ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ iFOREST "Just Transition in Odisha for Green Growth and Green Jobs.' ("ଜଷ୍ଟ ଟ୍ରାନଜିଶନ୍ ଇନ୍ ଓଡ଼ିଶା ଫର୍ ଗ୍ରୀନ୍ ଗ୍ରୋଥ୍ ଆଣ୍ଡ ଗ୍ରୀନ୍ ଜବସ୍ )"ଶୀର୍ଷକ ଏକ ରିପୋର୍ଟ ପ୍ରକାଶ କରିଥିଲା।

ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ବୃଦ୍ଧି କରିବା ସହିତ ନିମ୍ନ ଅଙ୍ଗାରକାମ୍ଳ ଅର୍ଥବ୍ୟବସ୍ଥାକୁ ପରିବର୍ତ୍ତିତ ହେବାପାଇଁ ରାଜ୍ୟର ସୁଯୋଗ ଉପରେ ଏହା ହେଉଛି ପ୍ରଥମ ବିସ୍ତୃତ ମୂଲ୍ୟାୟନ ରିପୋର୍ଟ । ଏହି ରିପୋର୍ଟରେ ଆଗାମୀ 10 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସମ୍ଭାବ୍ୟ ପ୍ରମୁଖ କାର୍ଯ୍ୟପନ୍ଥା ଉପରେ ମଧ୍ୟ ଆଲୋକପାତ କରାଯାଇଛି।

ଏହି କାର୍ଯକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ତାଙ୍କ ଉଦଘାଟନୀ ଅଭିଭାଷଣରେ କହିଥିଲେ, "ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ।ଭାରତର ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନରେ ଓଡ଼ିଶାର ୭% ରୁ ଅଧିକ ଯୋଗଦାନ ରହିଛି। ଏହି ପରିପ୍ରେକ୍ଷୀରେ ସବୁଜ ଶକ୍ତି ଏବଂ ସ୍ଥାୟୀ ଶିଳ୍ପର ସମ୍ପ୍ରସାରଣ ସହିତ ଜଳବାୟୁ ପ୍ରଶମନରେ ନେତୃତ୍ୱ ନେବା ପାଇଁ ଆମ ଉପରେ ଗୁରୁ ଦାୟିତ୍ୱ ରହୁଛି ।ଏଥିପାଇଁ ଆମର ଶିଳ୍ପଗୁଡିକ ଏମିସନ ହ୍ରାସ କରିବା ସହିତ ଜାତୀୟ ତଥା ବିଶ୍ୱ ଜଳବାୟୁ ଲକ୍ଷ୍ୟକୁ ହାସଲ କରିବା ଉଚିତ।

ଆମକୁ ପ୍ରଗତିଶୀଳ ହେବାକୁ ପଡ଼ିବ। ଆମେ ସମୟ ସହିତ ଆଗକୁ ବଢ଼ିବୁ ଏବଂ ଆମର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ସହିତ ଆଗକୁ ବଢ଼ିବୁ ଓ ଆମର ଶୂନ୍ୟ ଲକ୍ଷ୍ୟ ହାସଲ କରିବୁ। " ଆମକୁ ଏକ ସବୁଜ, ଅଧିକ ସ୍ଥାୟୀ ଓଡ଼ିଶା ଆଡକୁ ଅଗ୍ରସର ହେବାକୁ ପଡିବ ଏବଂ ସମସ୍ତଙ୍କ ସାମୂହିକ ପ୍ରୟାସ ବିନା ଏହା ସମ୍ଭବ ହେବ ନାହିଁ ବୋଲି ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି , ଓଡିଶା ସରକାରଙ୍କର ଶକ୍ତି ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା କହିଲେ ଯେ, ଓଡ଼ିଶାରେ ସ୍ୱଳ୍ପ ଅଙ୍ଗାରକାମ୍ଳ ଅର୍ଥବ୍ୟବସ୍ଥାର ମୂଳଦୁଆ ତିନୋଟି ସ୍ତମ୍ଭ ଉପରେ ରହିଛି - ଅକ୍ଷୟ଼ ଶକ୍ତି, ଶକ୍ତି ଦକ୍ଷତା ଏବଂ ସ୍ଥାୟୀ ଶିଳ୍ପ ପଦ୍ଧତି। 2030 ସୁଦ୍ଧା 11 GW ଅକ୍ଷୟ଼ ଶକ୍ତି ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ଆମର ପ୍ରଗତିଶୀଳ ଅକ୍ଷୟ଼ ଶକ୍ତି ନୀତି ମାଧ୍ୟମରେ ଦୃଢ଼ ପଦକ୍ଷେପ ନେଉଛୁ, ଯେଉଁଥିରେ ସବୁଜ ଶକ୍ତି ଓ ସବୁଜ ଶିଳ୍ପକୁ ପ୍ରାଥମିକତା ଦିଆଯାଉଛି। ଆମର ନୀତିଗତ ଢାଞ୍ଚା ନିୟାମକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିଥାଏ, ଘରୋଇ ନିବେଶକୁ ପ୍ରୋତ୍ସାହିତ କରିଥାଏ ଏବଂ ପ୍ରକଳ୍ପ ବିକାଶକାରୀମାନଙ୍କୁ ଅକ୍ଷୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରୋତ୍ସାହନ ପ୍ରଦାନ କରିଥାଏ।

"ଶକ୍ତି ପରିବର୍ତ୍ତନ ସନ୍ନିକଟ। ଏହା ଏକ ଆବଶ୍ୟକତା ଏବଂ ଅପରିହାର୍ଯ୍ୟ। ଯଦି ଏହା ନହୁଏ ତେବେ ଏହି ସଭ୍ୟତା ବଞ୍ଚିବ ନାହିଁ। ଜଷ୍ଟ ଟ୍ରାନଜିଶନ୍ ସେହି ଲୋକମାନଙ୍କ ବିଷୟରେ ଯାହାର ଚାକିରି ପ୍ରଭାବିତ ହେବ। ସେମାନେ ନ୍ୟାୟ ପାଇବା ଉଚିତ୍। ଟ୍ରାନଜିଶନ୍ ଯୋଜନାବଦ୍ଧ ଢଙ୍ଗରେ କରାଯିବା ଆବଶ୍ୟକ। ସରକାରଙ୍କ ତରଫରୁ ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ ଓଡ଼ିଶା ସରକାର ଏକ ନ୍ୟାୟସଂଗତ ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତିବଦ୍ଧ। " ଏଥିପାଇଁ ଆମେ iFOREST କୁ ଏହାର ଅଧ୍ୟୟନ ପାଇଁ ଦାୟିତ୍ୱ ଦେଇଛୁ ବୋଲି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା କହିଛନ୍ତି।

ଭାରତର ମୋଟ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନରେ ଓଡ଼ିଶାର ୭.୭% ଯୋଗଦାନ ରହିଛି। କୋଇଲା ଭିତ୍ତିକ ଶକ୍ତି ଏବଂ ଇସ୍ପାତ କ୍ଷେତ୍ରର ରାଜ୍ୟର ମୋଟ ନିର୍ଗମନରେ ୫୪% ଯୋଗଦାନ ରହିଛି। ଏହା ମୁଣ୍ଡ ପିଛା ନିର୍ଗମନ ୬.୭ ଟନ୍, ଯାହା ଦେଶର ହାରାହାରି

2.୪ ଟନ୍ ଠାରୁ  ଦୁଇଗୁଣ ଅଧିକ। ଯେହେତୁ 2070 ସୁଦ୍ଧା ଭାରତ ଏକ ଶୂନ୍ୟ ଅର୍ଥନୀତି ହାସଲ କରିବାକୁ ଲକ୍ଷ୍ୟ ରଖିଛି ଓ ଏହା 2022 ରେ ଗ୍ଲାସ୍ଗୋ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ଵାରା ପ୍ରତିଶ୍ରୁତି ଦିଆଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ |

ଯେହେତୁ ଭାରତ 2070 ସୁଦ୍ଧା ଏକ ଶୂନ୍ୟ ଅର୍ଥନୀତି ହାସଲ କରିବାକୁ ଲକ୍ଷ୍ୟ ରଖିଛି, ଓଡ଼ିଶା ପରି ଏକ ଶିଳ୍ପ ରାଜ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି  iFOREST  ରିପୋର୍ଟ ପ୍ରକାଶ କରିଛି।

"   ଓଡ଼ିଶାର ଖଣିଜ ସମ୍ପଦ, ବିପୁଳ ରିନ୍ୟୁଏବଲ ଶକ୍ତି ସାମର୍ଥ୍ୟ ଏବଂ ମାନବ ସମ୍ବଳକୁ ଦୃଷ୍ଟିରୁ , ଦେଶରେ ସବୁଜ ଖଣିଜ ଏବଂ ଧାତୁ ଶିଳ୍ପର ହବ୍ ହେବାକୁ ଓଡ଼ିଶାର ଏକ ବିଶାଳ ସୁଯୋଗ ରହିଛି।

ଏହି ପରିପ୍ରେକ୍ଷୀରେ ସମସ୍ତଙ୍କର ଭଲ ପାଇଁ  ରାଜ୍ୟ ଏକ ଜଷ୍ଟ ଟ୍ରାନଜିଶନ୍ ନୀତି ବିକଶିତ କରିବାର ଆବଶ୍ୟକତା ରହିଛି।"ଏହି ନୀତି କୋଇଲା ଇନ୍ଧନ ଉପରେ ନିର୍ଭରଶୀଳ ଜିଲ୍ଲାଗୁଡ଼ିକରେ ସବୁଜ ପୁଞ୍ଜି ବିନିଯୋଗକୁ ମାର୍ଗଦର୍ଶନ କରିପାରିବ, ଦକ୍ଷତା ଏବଂ ନିଯୁକ୍ତି ପାଇଁ ଇକୋସିଷ୍ଟମକୁ ମଜବୁତ କରିପାରିବ ଏବଂ ଅର୍ଥ  ଯୋଗାଡ଼ କରିପାରିବ ବୋଲି  iFOREST ର  ସଭାପତି ତଥା ସି ଇ ଓ ଡକ୍ଟର ଚନ୍ଦ୍ର ଭୂଷଣ  କହିଛନ୍ତି।

ଏହି ରିପୋର୍ଟରେ ସାତଟି ଶୀର୍ଷ ଖଣି ଏବଂ ଶିଳ୍ପ ଜିଲ୍ଲା ଉପରେ ଆଲୋକପାତ କରାଯାଇଛି ଯାହା ପରିବର୍ତ୍ତନର ହଟସ୍ପଟ୍ | ଏଗୁଡ଼ିକ ମଧ୍ୟରେ ରହିଛି ଅନୁଗୋଳ , ଢେଙ୍କାନାଳ , ଜାଜପୁର, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର ଏବଂ କେନ୍ଦୁଝର ଜିଲ୍ଲା। ଏହି ଜିଲ୍ଲାଗୁଡ଼ିକ ମିଳିତ ଭାବେ 100% କୋଇଲା ଉତ୍ପାଦନ ଏବଂ ଅଧିକାଂଶ କୋଇଲା ଭିତ୍ତିକ ଶକ୍ତି କ୍ଷମତା ଏବଂ ଇସ୍ପାତ ଉତ୍ପାଦନ କରିଥାନ୍ତି।

ଏହି କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଟାଟା ଷ୍ଟିଲ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ଉତ୍କଳ ଚାମ୍ବର ଅଫ୍ କମର୍ସ ,ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍, ଗ୍ରିଡ୍କୋ ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି, ୱାର୍ଲ୍ଡ ସ୍କିଲ୍ ସେଣ୍ଟର୍, ଗ୍ରୀନ୍ ଜବସ୍ ପାଇଁ ସ୍କିଲ୍ କାଉନସିଲ୍  ପ୍ରଭୃତି ସଂସ୍ଥାର  ପ୍ରତିନିଧି ମାନେ ଯୋଗଦେଇ ଏନର୍ଜି ଟ୍ରାଞ୍ଜିଶନ ହାସଲ ପାଇଁ ଆଲୋଚନା କରିଥିଲେ।

ଏହି ଅବସରରେ  iFOREST ର ଜଷ୍ଟ ଟ୍ରାଞ୍ଜିଶନ୍ ନିର୍ଦ୍ଦେଶିକା ଶ୍ରେଷ୍ଠା ବାନାର୍ଜୀ କହିଥିଲେ ଯେ, "ଏକ ଜଷ୍ଟ ଟ୍ରାଞ୍ଜିଶନ୍ ଦ୍ଵାରା ଓଡ଼ିଶା ଭଳି କୋଇଲା ଇନ୍ଧନ ଉପରେ ନିର୍ଭରଶୀଳ ରାଜ୍ୟଗୁଡ଼ିକ ଶ୍ରମିକ ଓ ସମ୍ପ୍ରଦାୟର କଲ୍ୟାଣ ସହ ସାଲିସ୍ ନକରି ଏକ ସବୁଜ ଅର୍ଥବ୍ୟବସ୍ଥା ଗଢ଼ିବାରେ ସକ୍ଷମ ହେବେ। ଏଥିପାଇଁ ଉପଯୁକ୍ତ ଯୋଜନା ଏବଂ ନିବେଶ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଲକ୍ଷ୍ୟ ହାସଲ ପାଇଁ ଆମର ରିପୋର୍ଟରେ କାର୍ଯ୍ୟାନୁଷ୍ଠାନ  ଓ ସୁପାରିସ ପ୍ରଦାନ କରାଯାଇଛି।"

iFOREST  ରିପୋର୍ଟର ମୁଖ୍ୟ ସୁପାରିସ ----

-------------------

.  ଅନୁଗୋଳ , ଢେଙ୍କାନାଳ ଏବଂ ଝାରସୁଗୁଡା-ସୁନ୍ଦରଗଡ଼-ସମ୍ବଲପୁର ଖଣି ଏବଂ ଶିଳ୍ପ କ୍ଲଷ୍ଟର ପାଇଁ ଜଷ୍ଟ ଟ୍ରାଞ୍ଜିଶନ୍ ନୀତି ଏବଂ ଆଞ୍ଚଳିକ ଜଷ୍ଟ ଟ୍ରାଞ୍ଜିଶନ୍  ଯୋଜନା ବିକଶିତ କରନ୍ତୁ।

. 2030 ସୁଦ୍ଧା 11 GW ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ପାଇଁ ନୀତି ଏବଂ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା।

.  କ୍ୟ|ପ୍ଟିଭ୍ ପାୱାର ପ୍ଲାଣ୍ଟ ପାଇଁ 2030 ସୁଦ୍ଧା 43.33% Renewable Purchase Obligations (RPOs)  (RPOs) ଲକ୍ଷ୍ୟ କାର୍ଯ୍ୟକାରୀ କରିବା।

. 2025 ଠାରୁ ଗ୍ରୀନଫିଲ୍ଡ 'ହାଇଡ୍ରୋଜେନ-ପ୍ରସ୍ତୁତ ଇସ୍ପାତ କାରଖାନା' ପ୍ରତିଷ୍ଠା କରିବା ଏବଂ 2035 ସୁଦ୍ଧା 25% ଗ୍ରୀନ ଷ୍ଟିଲ ଲକ୍ଷ୍ୟ ଧାର୍ଯ୍ୟ କରିବା।

. 2030 ସୁଦ୍ଧା ପ୍ରାୟ 11,000 ହେକ୍ଟର (ହେକ୍ଟର) କୋଇଲା ଖଣି ଜମି ସବୁଜ ଶକ୍ତି ଏବଂ ଶିଳ୍ପ ପାଇଁ ଉପଲବ୍ଧ ହୋଇପାରିବ। ଏହି ଜମି ମୁଖ୍ୟତଃ ତାଳଚେର ଏବଂ ଝାରସୁଗୁଡା ବ୍ଲକ୍ ରେ  ରହିଛି।

. ଚାରୋଟି କ୍ଷେତ୍ରରେ କୁଶଳୀ ଶ୍ରମଶକ୍ତିର ବିକାଶ ପାଇଁ କୌଶଳ ଇକୋସିଷ୍ଟମକୁ ସୁଦୃଢ଼ କରିବା

• ସବୁଜ ଶକ୍ତି • ସବୁଜ ଧାତୁ ଏବଂ ଖଣି • ସବୁଜ ଉତ୍ପାଦନ

.ସବୁଜ ନିର୍ମାଣ ଏବଂ ଭିତ୍ତିଭୂମି

. ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ କେବଳ କୋଇଲା ଖନନରୁ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମଏଫ) ପାଣ୍ଠିକୁ 35,000 କୋଟି ଟଙ୍କା ମିଳିବ । ଏହା ବ୍ୟତୀତ ଆଗାମୀ ଦୁଇ ଦଶନ୍ଧି ମଧରେ ଓଡ଼ିଶା କୋଇଲା ସେସ୍ 2,50,000 କୋଟି ଟଙ୍କା ପାଇବ । ରାଜ୍ୟଏବଂ କେନ୍ଦ୍ର ସରକାର କୋଇଲା ସେସ୍ ଏବଂ ଡି. ଏମ୍. ଏଫ୍. ରୁ ଆର୍ଥିକ ସମ୍ବଳର ଉପଯୋଗ କରି  ଜଷ୍ଟ୍ ଏନର୍ଜି ଟ୍ରାଞ୍ଜିଶନ୍ କୁ ସମର୍ଥନ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ।

iFOREST   ସମ୍ପର୍କରେ ----

-----------------

ଇଣ୍ଟରନେସନାଲ  ଫୋରମ୍ ଫର୍ ଏନଭାଇରନମେଣ୍ଟ, ସଷ୍ଟେନେବିଲିଟି ଆଣ୍ଡ ଟେକ୍ନୋଲୋଜି (iFOREST ) ହେଉଛି ଏକ ସ୍ୱାଧୀନ ଅଣଲାଭକାରୀ ଗବେଷଣା ଏବଂ ନବସୃଜନ ସଂଗଠନ ଯାହା ଭାରତରେ ପରିବେଶ-ବିକାଶ ଆହ୍ୱାନ ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛି।

ଆମେ ସ୍ୱାଧୀନ ପ୍ରମାଣ ଆଧାରିତ ଗବେଷଣା କରୁ, ନୂତନ ଜ୍ଞାନ ଏବଂ ଅଭିନବ ସମାଧାନର ବିକାଶ କରୁ, ସଚେତନତା ବୃଦ୍ଧି ଏବଂ ସହମତି ସୃଷ୍ଟି କରିବା ପାଇଁ ଅଂଶୀଦାରମାନଙ୍କୁ ଏକତ୍ର କରୁ |

ରାଜ୍ୟରେ ସବୁଜ ଶକ୍ତି ବିକାଶକୁ ସହାୟତା କରିବା ପାଇଁ ଏହା ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଗ୍ରିଡ୍କୋ ଲିମିଟେଡ୍ ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଓରେଡା) ସହିତ କାର୍ଯ୍ୟ କରୁଛି।

ଅଧିକ ସୂଚନା ପାଇଁ https://iforest.global/ପରିଦର୍ଶନ କରନ୍ତୁ।

ଯୋଗାଯୋଗ ସୂଚନା

------------

Shriya Mohan

Lead – Environment Communication & Outreach

iFOREST

Ph: +91 7042144726

Email: shriya@iforest.global